ଧରିତ୍ରୀ
DHARITRI
May 24-30, 2020 ₹ 2/-

# ଛୁଟିଦିନ

# ଟିକିଏ ଖୁସି ପାଇଁ..





୩
ପ୍ରଚ୍ଛଦ ପ୍ରସଙ୍ଗ

ଏପଟେ ମହାମାରୀରର ଆତଙ୍କ ସେପଟେ ପେଟର ଭୋକ। ତଥାପି କିଛି ଲୋକ ନିଜ ଦୁଃଖ ଭୁଲି ବାହାରି ଆସିଛନ୍ତି ଅନ୍ୟର ଦୁଃଖ ଲାଘବ କରିବା ପାଇଁ। କେବେ ସେମାନେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ତ ଆଉ କେବେ ନିଜ ସଞ୍ଚୟରୁ ଖର୍ଚ୍ଚ କରି ନିଜେ ଖୁସି ପାଇବା ସହ ଅନ୍ୟର ମୁହଁରେ ହସ ଫୁଟାଉଛନ୍ତି...

ସିନେମା
୪



୮
ବ୍ୟାକ୍ ପେଜ୍





# ଆକ୍ୱାରିୟମ୍ ବାସ୍ତୁ



ଘରେ ସକାରାତ୍ମକ ଉର୍ଜା ଭରିବା ପାଇଁ ଅନେକେ ଆକ୍ୱାରିୟମ ରଖନ୍ତି। ତେବେ ଏହାକୁ ବାସ୍ତୁଶାସ୍ତ୍ର ଅନୁସାରେ ରଖିବା ଭଲ। ଏହାକୁ ଉତ୍ତର, ପୂର୍ବ ଅବା ଉତ୍ତର-ପୂର୍ବ ଦିଗରେ ରଖନ୍ତୁ। ଏହି ଦିଗରେ ରଖିଲେ ସକାରାତ୍ମକ ଉର୍ଜା ବଢିଥାଏ। ହେଲେ ଏହାକୁ କେବେ ବି ରୋଷେଇ ଘରେ ରଖିବେ ନାହିଁ। ରୋଷେଇ ଘରେ ଫାୟାର ଏନର୍ଜି ରହିଥାଏ ଏବଂ ଆକ୍ୱାରିୟମ ହେଉଛି ୱାଟର ଏନର୍ଜିର ପ୍ରତୀକ। ବାସ୍ତୁ ଶାସ୍ତ୍ର ଅନୁଯାୟୀ ଅଗ୍ନି ସହ ଜଳକୁ ଏକାସାଙ୍ଗରେ ରଖିବା ଉଚିତ ନୁହେଁ। ଆକ୍ୱାରିୟମର ପାଣି ଅଧିକ ପୁରୁଣା ହୋଇଗଲେ ସେଥିରୁ ନେଗେଟିଭ ଏନର୍ଜି ବଢିଥାଏ। ତେଣୁ ଏହାର ପାଣି କିଛି ସମୟ ଅନ୍ତରାଳରେ ବଦଳାଇବା ଉଚିତ। ଏଥିରେ ଅତିକମ୍‌ରେ ୯ଟି ମାଛ ରହିବା ଭଲ, ଯେଉଁଥିରୁ ୮ଟି ଲାଲ ବା ସୁବର୍ଣ୍ଣ ରଙ୍ଗର ଏବଂ ଗୋଟିଏ କଳା ରଙ୍ଗର ହେବା ଉଚିତ। କଳା ରଙ୍ଗର ମାଛ ସୁରକ୍ଷାର ପ୍ରତୀକ। ଏହା ଘରକୁ ଖରାପ ଏନର୍ଜିଠାରୁ ରକ୍ଷା କରିଥାଏ। କୌଣସି ମାଛ ମରିଗଲେ ତାକୁ ତୁରନ୍ତ ବାହାର କରି ନଦୀ, ନାଳରେ ଭସାଇ ଦିଅନ୍ତୁ। ଆଉ ଯେଉଁ ରଙ୍ଗର ମାଛ ମରିଛି ପୁଣି ଥରେ ସେହି ରଙ୍ଗର ମାଛ ଆଣି ରଖନ୍ତୁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୨୪-୩୦



**ମେଷ** – ନୂତନ ଯୋଜନାରମ୍ଭ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ବ୍ୟାଙ୍କ ସୂତ୍ରରୁ ଅର୍ଥଲାଭ, ସାମାଜିକ ସମ୍ମାନ, କର୍ମକ୍ଷେତ୍ରରେ ଉନ୍ନତି, ପ୍ରଶାସନିକ ଦାୟିତ୍ୱ, ବିବାଦ ଘେରରେ ପଡିବେ, ସାମ୍ବାଦିକତାରେ ଉନ୍ନତି, ଯାତ୍ରା ସ୍ଥଗିତ।

**ବୃଷ** – କର୍ମଜଞ୍ଜାଳର ବ୍ୟସ୍ତତା, ଫାଇଲ୍ କାମ ବୃଦ୍ଧି, ଘର କାମରେ ଅବହେଳା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସାମାଜିକ ସ୍ତରରେ ସମ୍ମାନ, ବନ୍ଧୁ ଦ୍ୱାରକୁ ଗମନ, ସନ୍ତାନଙ୍କ ବିଶୃଙ୍ଖଳା, ସମସ୍ୟାର ସମାଧାନ।

**ମିଥୁନ** – ପରିବାରରେ ଭୁଲ୍ ବୁଝାମଣା, ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ଧର୍ମଚର୍ଚ୍ଚା। ସ୍ତ୍ରୀଙ୍କ ପରାମର୍ଶ, ସହକର୍ମୀଙ୍କ ସହଯୋଗ, ଦୃଢ ନିଷ୍ପତ୍ତି ନେବେ, ସଙ୍କଟ ଦୂରେଇଯିବ, ଉନ୍ନୟନ କାମରେ ବାଧା।

**କର୍କଟ** – ଭାରାକ୍ରାନ୍ତ ମନ, ବନ୍ଧୁଙ୍କ ସ୍ୱାର୍ଥବାଦିତା, ଦ୍ରବ୍ୟ ନଷ୍ଟରୁ କ୍ଷୋଭ, ଅସୁସ୍ଥି ଅନୁଭବ। ସାହିତ୍ୟାନୁରାଗ, କଳା କାରିଗରିରେ ଅଭିରୁଚି, ସାମାଜିକ ପ୍ରଶଂସା, ପଡୋଶୀଙ୍କ ସାହାଯ୍ୟ, ଧର୍ମଚର୍ଚ୍ଚା, ଆର୍ଥିକ ସ୍ୱଚ୍ଛଳତା, ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟ ଲାଭ।

**ସିଂହ** – କର୍ମକ୍ଷେତ୍ରରେ ପ୍ରତିଷ୍ଠା, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ପଡୋଶୀଙ୍କ ଅଭିଯୋଗ, ସମ୍ପର୍କୀୟଙ୍କ ସାହାଯ୍ୟ, ଅତିଥି ଚର୍ଚ୍ଚାରେ ବିମୁଖତା, ବାତବ୍ୟାଧିରୁ ପୀଡା, ଉଚ୍ଚଶିକ୍ଷାରେ ବାଧା, ଭ୍ରମଣ ହେତୁକ କ୍ଳାନ୍ତି।

**କନ୍ୟା** – ଅହେତୁକ ଚିନ୍ତା, ଅଧାପନ୍ତରିଆ କାମ, ବ୍ୟୟବୃଦ୍ଧି, ବିଶ୍ୱାସରୁ ହଇରାଣ, ନୂତନ କର୍ମାରମ୍ଭ, ମାମୁଲି ଘଟଣାରେ ଉଚ୍ଚବାଚ, ପରିବହନରେ ନୈରାଶ୍ୟ, ସମସ୍ୟା ସମାଧାନ, ଯାତ୍ରା ସ୍ଥଗିତ।



**ତୁଳା** – ଧୈର୍ଯ୍ୟବାନ୍ ହେବେ, ସମସ୍ୟା ସମ୍ଭାଳିବେ, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ବିରୁଦ୍ଧାଚରଣ, ସହକର୍ମୀଙ୍କ ଅନୁରକ୍ତି, ବ୍ୟବସାୟିକ ସଫଳତା, ଏଜେନ୍ସିପ୍‌ରେ ଉନ୍ନତି, ପ୍ରଶାସନିକ ତତ୍ପରତା, ଯାନ୍ତ୍ରିକ ତ୍ରୁଟି, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା।

**ବିଛା** – ନୂତନ କାମର ପରିକଳ୍ପନା, ବୁଦ୍ଧିଜୀବୀଙ୍କ ପରାମର୍ଶ, ବିବାଦର ସମାଧାନ, କୈଫିୟତ୍ ତଲବ, ବନ୍ଧୁଙ୍କ ଅଭିମାନ, ସ୍ତ୍ରୀଙ୍କ ପ୍ରେରଣା, ପଡୋଶୀଙ୍କ ସ୍ନେହଶ୍ରଦ୍ଧା। ଖବର ପ୍ରାପ୍ତିରୁ ଖୁସି, ପିଲାଙ୍କ ସହ ଖୁସିଗପ, ଲୋକ ସମ୍ପର୍କ ବଢ଼ିବ।

**ଧନୁ** – ଘଟଣାର ଜଟିଳତା, ପଡୋଶୀଙ୍କ କ୍ରୋଧ, କାମରେ ପ୍ରତିବନ୍ଧକ। ଗବେଷଣାରେ ଅଗ୍ରଗତି, ନିର୍ମାଣାଧୀନ କାର୍ଯ୍ୟରେ ଉନ୍ନତି, ବୃଥା ସନ୍ଦେହରୁ ଆନମନା, ପରିବହନରେ ଉନ୍ନତି, ଦୂର ବାଣିଜ୍ୟରେ ବାଧା।

**ମକର** – ଅପ୍ରିୟ ସତ୍ୟରୁ କଳହ, ବିବାଦୀୟ ପରିସ୍ଥିତି, ପାରିବାରିକ ଅଶାନ୍ତି। ପରୋପକାରରୁ ପ୍ରଶଂସା, ସ୍ନାୟବିକ ଦୁର୍ବଳତା। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ, ମୂଲ୍ୟବାନ ଦ୍ରବ୍ୟ ଲାଭ, ରାଜନୈତିକ ତତ୍ପରତା, ସାଙ୍ଗଠନିକ କାର୍ଯ୍ୟାରମ୍ଭ।

**କୁମ୍ଭ** – ଶାରୀରିକ ସୁସ୍ଥତା, ନୂତନ ପ୍ରକଳ୍ପାରମ୍ଭ, ପଦୋନ୍ନତିର ସୂଚନା, ସମ୍ପତ୍ତିକୁ ନେଇ ବିବାଦ, ବିଭିନ୍ନ ସୂତ୍ରରୁ ରୋଜଗାର, ଭୁଲ୍ ଖବରରୁ ବିବ୍ରତ, ଭ୍ରମଣ ହେତୁକ କ୍ଳାନ୍ତି, ଖର୍ଚ୍ଚଭାରରୁ ଚିନ୍ତା, ଚାକିରିରେ ସମ୍ମାନ, ପଦମର୍ଯ୍ୟାଦା ବୃଦ୍ଧି, ଆଧ୍ୟାତ୍ମିକ ଆଲୋଚନା।

**ମୀନ** – ଯାତ୍ରାରେ ସମସ୍ୟା, ଆମୋଦ ପ୍ରମୋଦରେ ବାଧା, ଆତ୍ମୀୟଙ୍କ ଅସହଯୋଗ, ଅର୍ଥପ୍ରାପ୍ତିରୁ ଆନନ୍ଦ, ଇଚ୍ଛା ବିରୁଦ୍ଧ କାମ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ସମ୍ପର୍କ ଯୋଡିବେ, ମାନସିକ ଚାପ ବୃଦ୍ଧି, ସନ୍ତାନଙ୍କ ପାଇଁ ବ୍ୟସ୍ତତା, ବ୍ୟବସାୟିକ ସଫଳତା, ଜନକଲ୍ୟାଣ କର୍ମ।

# ରେନ୍ ମ୍ୟାନ୍

ଆମେରିକା, ପେନ୍‌ସିଲଭାନିଆର ୨୧ ବର୍ଷୀୟ ଡନ୍ ଡେକର୍ 'ରେନ୍‌ମ୍ୟାନ୍' ଭାବେ ପରିଚିତ। ତାଙ୍କ ସହ ଘଟିଥିବା କିଛି ଘଟଣା ହିଁ ତାଙ୍କୁ ଏହି ଆଖ୍ୟା ଦେଇଛି। ୧୯୮୩ ମସିହାର କଥା। କୌଣସି ମାମଲାରେ ସେ ଜେଲରେ ଥାଆନ୍ତି। ଆଉ ତାଙ୍କ ଜେଜେବାପାଙ୍କର ମୃତ୍ୟୁ ହୋଇଗଲା। ତାଙ୍କ ଅନ୍ତିମ ସଂସ୍କାର ପାଇଁ ଡନ୍ ଡେକର୍‌ଙ୍କୁ କିଛି ଦିନ ଲାଗି ସର୍ତ୍ତମୂଳକ ଜାମିନ ମିଳିଥିଲା। ଅନ୍ତିମ ସଂସ୍କାର ପରେ ସେ ଭଡାରେ ରହୁଥିବା ଜଣେ ବନ୍ଧୁଙ୍କ ଘରେ ରହିଲେ। ସେଠି ଆଉ କେତେଜଣ ବି ରହୁଥିଲେ। ଦିନେ ସମସ୍ତେ ହଲ୍‌ରେ ବସିବା ସମୟରେ ହଠାତ୍ ଛାତରୁ ପାଣି ଗଳିବାକୁ ଲାଗିଲା। ହେଲେ ଛାତକୁ ଚେକ୍ କରିବାରୁ ଜଣାପଡିଲାନି ପାଣି କେଉଁଠୁ



ପଡୁଛି। ଆଉ ସବୁଠୁ ଆଶ୍ଚର୍ଯ୍ୟକର କଥା ଏହା ଥିଲା କି ପାଣି କେବଳ ଡେକର୍ ବସିଥିବା ସ୍ଥାନରେ ହିଁ ପଡୁଥିଲା। ଡେକର୍ ତାଙ୍କ ସହ କ'ଣ ଘଟୁଥିଲା ଜାଣିପାରୁ ନ ଥିଲେ। ତେବେ ବନ୍ଧୁମାନେ ତାଙ୍କୁ ଯେମିତି ବାହାରକୁ ନେଇଗଲେ ବର୍ଷା ହଠାତ୍ ବନ୍ଦ ହୋଇଗଲା। ଏମିତି ଘଟଣା ଥରେ ନୁହେଁ ଅନେକ ଥର ତାଙ୍କ ସହ ଘଟିଥିଲା। ଥରେ ସେ ରେଷ୍ଟୁରାଣ୍ଟରେ ବସିଥିବାବେଳେ ବି ବର୍ଷା ପଡିବା ଆରମ୍ଭ ହୋଇଗଲା। କିନ୍ତୁ ରେଷ୍ଟୁରାଣ୍ଟ ବାହାରକୁ ଗଲାପରେ ବର୍ଷା ବନ୍ଦ ହୋଇଗଲା। ସେଇଥିରୁ ସେ ଜାଣିଲେ ଯେ, ଘର ଭିତରେ ହିଁ ତାଙ୍କ ସହ ଏହିଭଳି ଘଟୁଛି। ଏହାପରେ ତାଙ୍କର ଜେଲ୍ ବାହାରେ ରହିବା ଅବଧି ସରି ଯାଇଥିଲା ଓ ସେ ପୁଣିଥରେ ଜେଲ ଯାଇଥିଲେ। ହେଲେ ସେଠାରେ ବି ସେହିଭଳି ଘଟିଲା। ଜେଲ ଅଧିକାରୀ ପାଦ୍ରୀଙ୍କୁ ଡକାଇ ବାଇବେଲ ପାଠ କରାଇଲେ। କୁହାଯାଏ ସେତେବେଳେ ବାଇବେଲ ବ୍ୟତୀତ ଅନ୍ୟ ସମସ୍ତ ଜିନିଷ ବର୍ଷାରେ ଭିଜି ଯାଇଥିଲା। ତେବେ ଏହାପରେ ତାଙ୍କ ସହ ଏଭଳି ଘଟଣା ଆଉ ଘଟି ନ ଥିଲା। ଉକ୍ତ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଜେଲ୍‌ର ଅନେକ ପୋଲିସ୍ ଥିଲେ। ଅନେକେ କହନ୍ତି ଡେକର୍‌ଙ୍କ ଜେଜେବାପାଙ୍କ ଆତ୍ମା ଏଭଳି କରୁଥିଲା। ତେବେ ପ୍ରକୃତରେ ଏହା ପଛର କାରଣ କ'ଣ ଥିଲା ଆଜିଯାଏ ଜଣାପଡି ନାହିଁ।

# ପାଠକୀୟ

■ ପ୍ରଚ୍ଛଦପ୍ରସଙ୍ଗ 'ମା' ବେଶ୍ ହୃଦୟସ୍ପର୍ଶୀ ଥିଲା। ସାମ୍ପ୍ରତିକ ସ୍ଥିତିରେ କେତେଜଣ ମା' କିଭଳି କର୍ତ୍ତବ୍ୟ ଓ ମମତାର ଦୋଛକିରେ ପଡ଼ି ଶେଷରେ କର୍ତ୍ତବ୍ୟକୁ ବାଛିଛନ୍ତି, ସେ ସମ୍ପର୍କରେ ପଢ଼ି ସେହି ମା'ଙ୍କ ପାଇଁ ମନ ଗର୍ବରେ ଭରିଗଲା। ସେହିଭଳି 'ହାତୀକୁ ଫାଶୀ' ଏକ ନିଆରା ବିଷୟ ଥିଲା। ବାସ୍ତୁ ସମ୍ପର୍କିତ ଲେଖାଟି ବି ଭଲ ଲାଗିଲା। ହାଃ ହାଃ ମଜାଦାର ଥିଲା।

*– ଅରୁଣ ପଟ୍ଟନାୟକ, ହିଞ୍ଜିଳିକାଟୁ, ଗଞ୍ଜାମ*

■ ମମତା ଓ କର୍ତ୍ତବ୍ୟ ଭିତରେ କର୍ତ୍ତବ୍ୟକୁ ବାଛିଥିବା ମା'ମାନଙ୍କ ସମ୍ପର୍କରେ ପଢି ଭଲ ଲାଗିଲା। ସୃଜନ ପୃଷ୍ଠାର ଗପ କବିତାଗୁଡିକ ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ମୋର ଭାରି ପ୍ରିୟ। ବ୍ୟାକ୍‌ପେଜ୍‌ର ନିଆରା ବିଷୟଗୁଡିକ ମନ ଜିଣିନିଏ।

*–ମୌସୁମୀ ସ୍ୱାଇଁ, ସମ୍ବଲପୁର*

■ ମଡେଲ ମିରର୍ ପୃଷ୍ଠାରେ ମାହୀଙ୍କ ଫଟୋ ଭଲ ଲାଗିଲା। ମୋର ବି ଇଚ୍ଛା ମଡେଲ ମିରର୍ ଫଟୋ ପଠାଇବାକୁ। ହାଃ ହାଃ ପଢ଼ି ହସି ହସି ବେଦମ୍ ହୋଇଗଲି। 'ଜୀବ ପୁରୁଣା: କଥା ନୂଆ' ପାଠଟି ବେଶ୍ ଶିକ୍ଷଣୀୟ ଥିଲା। ପ୍ରଚ୍ଛଦ ପ୍ରସଙ୍ଗ ବି ଭଲ ଲାଗିଲା।

*– ଗୋବିନ୍ଦ ଚନ୍ଦ୍ର ଡାକୁଆ, ଯାଜପୁର*

■ ପ୍ରଚ୍ଛଦ ପ୍ରସଙ୍ଗ 'ମା' ବହୁତ ଭଲ ଲାଗିଲା। ସିନେମା, ବ୍ୟାକ୍‌ପେଜ୍ ମୋର ବହୁତ ପ୍ରିୟ। 'ଜୀବ ପୁରୁଣା: କଥା ନୂଆ' ପାଠଟି ବହୁତ ଶିକ୍ଷଣୀୟ ଥିଲା। ତେଣୁ ମୋ ଝିଅକୁ ପଢିବାକୁ କହିଥିଲି। ସେ ଏହାକୁ ପଢି ବହୁତ ଖୁସି ହେଲା।

*–ମନୋରମା ପଢ଼ିଆରୀ, ଢେଙ୍କାନାଳ*

■ ବ୍ୟାକ୍‌ପେଜ୍‌ରେ କାଗଜର ଚଢ଼େଇଗୁଡିକ ସତରେ ବେଶ୍ ବାସ୍ତବ ଲାଗୁଥିଲେ। 'ଚାଉଳ ଏଟିଏମ୍' ପାଠଟି ମନକୁ ଛୁଇଁଗଲା। ଏଭଳି ଏଟିଏମ୍ ବିଭିନ୍ନ ସ୍ଥାନରେ ହେବା ଜରୁରୀ। ସୃଜନ ପୃଷ୍ଠାର ଗପ କବିତା ବି ଭଲ ଲାଗିଲା।

*–ମନୋଜ ପଣ୍ଡା, ଇଟାମାଟି, ନୟାଗଡ*

■ ଆଜିକାର ତଥାକଥିତ ଦାନୀଙ୍କୁ ନେଇ ରଚିତ ଗଳ୍ପ 'ଦାନ ଓ ଫେସ୍‌ବୁକ୍' ହୃଦୟକୁ ଛୁଇଁଲା। ସିନେମା ପୃଷ୍ଠାର 'ଅମାନିଆ ଦିଲ୍', 'ଅଡୁଆ କରୁଛି ଡେଟ୍' ଆଦି ପାଠ ବି ଭଲ ଲାଗିଲା। ବ୍ୟାକ୍‌ପେଜ୍‌ର ପାଠଗୁଡିକ ବେଶ୍ ନିଆରା ହେଉଛି।

*–ରୀତାରାଣୀ ପରିଡ଼ା, ଜଟଣୀ, ଖୋର୍ଦ୍ଧା*

■ ପ୍ରଚ୍ଛଦପ୍ରସଙ୍ଗ, 'ଜୀବ ପୁରୁଣା: କଥା ନୂଆ' ମତେ ବହୁତ ଭଲ ଲାଗିଲା। ବ୍ୟାକ୍‌ପେଜ୍‌ର କାଗଜ ଚଢେଇଗୁଡିକ ବହୁତ ସୁନ୍ଦର ଓ ବାସ୍ତବ ଲାଗୁଥିଲେ। 'ହାତୀକୁ ଫାଶୀ' ପାଠଟି ବି ବେଶ୍ ଆଶ୍ଚର୍ଯ୍ୟଜନକ ଥିଲା।

*–କୁସୁମ ବେହେରା, ରାମଚନ୍ଦ୍ରପୁର*



## ବିଶେଷ ଚିଠି

ହସ ଖୁସିର ପସରା ସାଥିରେ ନେଇ
ରବିବାରେ ଛୁଟିଦିନ ଆସଇ
ସାଥିରେ ଆଣଇ ଜ୍ଞାନ ଶିକ୍ଷାର ପେଡ଼ି
ମନୋରଞ୍ଜନ ମାଧ୍ୟମ ଭଳି କି ଭଳି
ମହା ଆନନ୍ଦରେ ହୁଏ ସପ୍ତାହ ଅନ୍ତ
ଇଚ୍ଛା ହୁଏ କରିବାକୁ ମନର ମିତ....

**–ସୁବ୍ରତ ମଲିକ**
**ମଙ୍ଗଳପୁର, ଅସୁରାଳି, ଭଦ୍ରକ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଟିକିଏ ଖୁସି ପାଇଁ..





ହିମାଂଶୁ ଶେଖର ସାହୁ

ଏପଟେ ମହାମାରୀରର ଆତଙ୍କ ସେପଟେ ପେଟର ଭୋକ। ଜୀବନ ଯେମିତି ଦୁର୍ବିସହ ହୋଇପଡ଼ିଛି। ଲାଗୁଛି ସତେ ଯେମିତି ଦୁଃଖର ପାହାଡ ଏକାସାଙ୍ଗରେ ସମସ୍ତଙ୍କ ଉପରେ ଲଦି ହୋଇଯାଇଛି। ତଥାପି କିଛି ଲୋକ ନିଜ ଦୁଃଖ ଭୁଲି ବାହାରି ଆସିଛନ୍ତି ଅନ୍ୟର ଦୁଃଖ ଲାଘବ କରିବା ପାଇଁ। କେବେ ସେମାନେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ତ ଆଉ କେବେ ନିଜ ସଞ୍ଚୟରୁ ଖର୍ଚ୍ଚ କରି ଅନ୍ୟର ଭୋକ ମେଣ୍ଟାଇ, ସେଇଥିରୁ ସାଉଁଟୁଛନ୍ତି ଖୁସି...



ଚିତ୍ତରଞ୍ଜନ ମହାନ୍ତି

**ସ୍ତ୍ରୀଙ୍କ ସ୍ମୃତିରେ :** ଯାଜପୁର ଜିଲା ଜାରକା (ଶାନ୍ତିବଜାର) ନିବାସୀ ଡ.ଚିତ୍ତ ରଞ୍ଜନ ମହାନ୍ତି ଏବଂ ତାଙ୍କ ପୁଅ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି। ଅଧ୍ୟାପନାକୁ ନିଜର ବୃତ୍ତି କରିଥିବା ଚିତ୍ତ ରଞ୍ଜନ କିଛି ବର୍ଷ ତଳେ ନିଜର ଶିକ୍ଷୟିତ୍ରୀ ସ୍ତ୍ରୀ ସରୋଜିନୀଙ୍କୁ ହରାଇଥିଲେ। ଏବେ ତାଙ୍କରି ସ୍ମୃତିରେ ପୁଅ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ସହ ସକାଳୁ ସକାଳୁ ବାହାରି ପଡନ୍ତି ଅସହାୟଙ୍କ ସନ୍ଧାନରେ। ଆଉ ଚଣ୍ଡିଖୋଲ ଅଞ୍ଚଳର ମହାବିନାୟକ ଓ ଚଣ୍ଡୀ ମନ୍ଦିର ପରିସରରେ ରହିଥିବା ମାଙ୍କଡ଼ ଏବଂ ଜାରକା ଓ ଆଖପାଖ ଅଞ୍ଚଳର ବୁଲା ଗୋରୁ, କୁକୁର ଆଦି ପ୍ରାଣୀଙ୍କୁ ପରିବା, କଦଳୀ, ବିସ୍କୁଟ, ଚଣା ଆଦି ଖାଇବାକୁ ଦିଅନ୍ତି। ଏହାବାଦ ନିଜ ଅଞ୍ଚଳ ସମେତ ଧର୍ମଶାଳା, ବଡ଼ଚଣା ଓ ରସୁଲପୁର ବ୍ଲକର ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ବହୁ ସଂଖ୍ୟକ ପରିବାରଙ୍କୁ ଶୁଖିଲା ଖାଦ୍ୟ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେଇଛନ୍ତି। ତା'ସହ ସାନିଟାଇଜର ଓ ମାସ୍କ ବାଣ୍ଟିବା ବି ଆରମ୍ଭ କରିଛନ୍ତି। ବଜାରକୁ ଯାଇ ପରିବା ବେପାରୀ, ମାଛ ବେପାରୀଙ୍କ ସହ ରାସ୍ତାରେ ଯାଉଥିବା ଟ୍ରକ ଅଟକାଇ ଡ୍ରାଇଭରଙ୍କୁ ସେ ମାସ୍କ, ସାନିଟାଇଜର୍ ଯୋଗାଇ ଦେଉଛନ୍ତି। ଧର୍ମଶାଳା ସମେତ ରସୁଲପୁର ଓ ବଡଚଣା ବ୍ଲକର ଅସହାୟ ଲୋକ, ଅଟକି ଯାଇଥିବା ଅନ୍ୟ ରାଜ୍ୟର ଶ୍ରମିକମାନଙ୍କୁ ନିଜସ୍ୱ ଉଦ୍ୟମରେ ପ୍ରତିଦିନ ସହାୟତା କରିଛନ୍ତି। ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଆଦି ରାଜ୍ୟକୁ ଚାଲି ଚାଲି ଯାଉଥିବା ଲୋକଙ୍କୁ ମଧ୍ୟ ଖାଦ୍ୟ ପାନୀୟ ଆଦି ଯୋଗାଇଥିଲେ। ଏଥିରେ କିଛି ଅନୁଷ୍ଠାନର କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ତାଙ୍କୁ ସହଯୋଗ କରିଛନ୍ତି। ସିଦ୍ଧାର୍ଥ ସ୍ୱୟଂଦୀପ୍ତ କହନ୍ତି, 'ପିଲାଦିନୁ ଦେଖିଛି ମା' ନିଜ ଖାଦ୍ୟ ଅନ୍ୟକୁ ଦେଇ ଆନନ୍ଦ ପାଉଥିଲେ। ତାଙ୍କର ଏହି ସେବା ମନୋଭାବ ହିଁ ମତେ ଅନ୍ୟମାନଙ୍କୁ ସେବା କରିବାର ଉତ୍ସାହ ଦେଇଛି।'

**ପରିବେଶବିତ୍‌ଙ୍କ କରୋନା ଚିନ୍ତା:** କଳିଙ୍ଗନଗର ଶିଳ୍ପାଞ୍ଚଳ ତଥା ଯାଜପୁର ଜିଲାର ବିଶିଷ୍ଟ ପରିବେଶବିତ୍ ହେଉଛନ୍ତି ଅଶ୍ୱିନୀ କୁମାର ଧଳ(ଦିକୁଆ)। ଜାତୀୟ ସବୁଜ ପ୍ରାଧିକରଣ ଦ୍ୱାରା ପୁରସ୍କୃତ ଅଶ୍ୱିନୀ ଦିନେ କଳିଙ୍ଗନଗରକୁ ପ୍ରଦୂଷଣମୁକ୍ତ କରିବା ପାଇଁ ବିଭିନ୍ନ ପୁଞ୍ଜିପତି ଓ ଶିଳ୍ପପତିମାନଙ୍କ ଚାପ ସତ୍ତ୍ୱେ ଜାତୀୟ ସବୁଜ ପ୍ରାଧିକରଣରେ ମାମଲା ଦାଏର କରିଥିଲେ। ଆଉ କିଛିକାଂଶରେ ସଫଳ ବି ହୋଇଥିଲେ। ତେବେ ଲକ୍‌ଡାଉନ ସମୟରେ ବି ସେ ନିଜ କାର୍ଯ୍ୟରୁ ନିବୃତ୍ତ ହୋଇ ରହିପାରି ନ ଥିଲେ। ସାଇକେଲରେ କଳିଙ୍ଗନଗରର ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାର ବାର୍ତ୍ତା ଦେବା ସହ କରୋନା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ବାଣ୍ଟିଲେ। ଏହା ସହ ସେ ପ୍ରାୟ ୫୬୦୦ ମାସ୍କ ଏବଂ ସାନିଟାଇଜର ଓ ସାବୁନ ବଣ୍ଟନ କରିଛନ୍ତି। ସେ ଏବେ ପାଦରେ ଚାଲି ଚାଲି ଘରମୁହାଁ ହେଉଥିବା ଅନେକ ଶ୍ରମିକଙ୍କୁ ଖାଦ୍ୟ ପାନୀୟ ପ୍ରଦାନ କରିବା ସହ ସେମାନଙ୍କ ହାତରେ ଯଥାସମ୍ଭବ କିଛି କିଛି ଆର୍ଥିକ ସହାୟତା ମଧ୍ୟ କରୁଛନ୍ତି।



ଅଶ୍ୱିନୀ କୁମାର ଧଳ



ପ୍ରତାପ ତ୍ରିପାଠୀ

**ଚଣ୍ଡୀମନ୍ଦିରରୁ ଆରମ୍ଭ :** ଲକ୍‌ଡାଉନ୍ ହେବା ପରେ ମଣିଷଙ୍କଠୁ ଆରମ୍ଭ କରି ପ୍ରାଣୀ ସମସ୍ତଙ୍କର ସମସ୍ୟା ବଢିଯାଇଛି। ତେଣୁ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଯାଜପୁର ଜିଲା, ଧର୍ମଶାଳା ବ୍ଲକସ୍ଥ ଜାରକାର ହିମାଂଶୁ ଶେଖର ସାହୁ ଆଗେଇ ଆସିଲେ। ପ୍ରଥମେ ଚଣ୍ଡିଖୋଲର ଚଣ୍ଡୀ ମନ୍ଦିରରେ ରହୁଥିବା ମାଙ୍କଡଙ୍କୁ ଖାଇବାକୁ ଦେଲେ। ଏହାପରେ ସେ କରୋନା ସଚେତନତାର ବାର୍ତ୍ତା ପ୍ରଚାର କରିବା ସହ ଅସହାୟ ଲୋକଙ୍କୁ ସାହାଯ୍ୟର ହାତ ବଢାଇଲେ। ଏ ପର୍ଯ୍ୟନ୍ତ ସେ ଧର୍ମଶାଳା ଓ ରସଲପୁର ବ୍ଲକର ୧୨୦ଟି ଗାଁ ଓ ବ୍ୟାସନଗର ମୁନିସିପାଲିଟିରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବାଣ୍ଟିଛନ୍ତି। ଜାରକାର ଗୋକନେଶ୍ୱର ମନ୍ଦିର ନିକଟସ୍ଥ ବ୍ରାହ୍ମଣୀ ବ୍ରିଜ ତଳେ ଆଶ୍ରୟ ନେଉଥିବା ଭଦ୍ରକରୁ ଛତିଶଗଡ ଅଭିମୁଖେ ଯାଉଥିବା ୪୦ରୁ ଅଧିକ ପ୍ରବାସୀ ଓଡ଼ିଆଙ୍କୁ ବି ସେ ସାହାଯ୍ୟ କରିଛନ୍ତି। ଏଥିରେ ସେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି।

**ଶାନ୍ତିଙ୍କ ସଚେତନତା:** ଏବେ ମାକ୍ସ ଓ ସାନିଟାଇଜର ସହିତ ସାମାଜିକ ଦୂରତ୍ୱ ବଜାୟ ରଖିବା ଜରୁରି। କିନ୍ତୁ ଅଭାବୀ ଲୋକଙ୍କ ପାଇଁ ମାକ୍ସ ମିଳୁନାହିଁ କି ସାନିଟାଇଜର ମଧ୍ୟ ଆଶାନୁରୂପ ଭାବେ ବଜାରରେ ଉପଲବ୍ଧ ହେଉନାହିଁ। ଏଭଳି ସମସ୍ୟାର ସମାଧାନ କରିବା ପାଇଁ ସୁନ୍ଦରଗଡର ଶାନ୍ତି ସରାଫ ଅଣ୍ଟା ଭିଡିଲେ। ଆଉ ନିଜ ଖର୍ଚ୍ଚରେ ମାସ୍କ ତିଆରି କରି ବଣ୍ଟନ କରିବା ଆରମ୍ଭ କଲେ। ତାସହ କରୋନା ସମ୍ପର୍କିତ ସଚେତନତାର ବାର୍ତ୍ତା ବି ବାଣ୍ଟୁଛନ୍ତି। ଲକ୍‌ଡାଉନ୍ ସମୟରେ ସେ ଘରକାମ ସାରିବା ପରେ ସ୍ୱାମୀଙ୍କ ସହ ମିଶି ସିଲେଇ ମେଶିନ୍‌ରେ ମାସ୍କ ତିଆରି କରୁଛନ୍ତି। ଆଉ ସେସବୁକୁ ସୁନ୍ଦରଗଡ ସହରର ଗଳିକନ୍ଦି, ଦୋକାନ, ବଜାର ଓ ବିଭିନ୍ନ ଅନୁଷ୍ଠାନଗୁଡିକୁ ଯାଇ ବଣ୍ଟନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୨୦୦୦ରୁ ଊର୍ଦ୍ଧ୍ୱ ମାସ୍କ ତିଆରି କରି ବଣ୍ଟନ କରି ସାରିଥିବା ବେଳେ ଆଗକୁ ଏଭଳି କାର୍ଯ୍ୟ ଜାରି ରଖିବେ ବୋଲି ସେ କହିଛନ୍ତି ।

**ବିଜ୍ଞାନାଗାରରୁ ବାହାର ଜଗତ ଯାଏ :** ସାମାଜିକ ଦୂରତ୍ୱ ଓ ମାସ୍କ ଭଳି ଏବେ ସାବୁନ୍ ଓ ସାନିଟାଇଜର ବି ଗୁରୁତ୍ୱପୂର୍ଣ୍ଣ। ହେଲେ ଦିନକୁ ଦୁଇ ଓଳା ଖାଇବାକୁ ପାଉ ନ ଥିବା ମଣିଷ ଏସବୁ ପାଇବା କଷ୍ଟକର। ତାକୁ ନଜରରେ ରଖି ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ରସାୟନବିଜ୍ଞାନ ବିଭାଗ ବିଜ୍ଞାନାଗାରର ବରିଷ୍ଠ ସହାୟକ ପ୍ରତାପ ତ୍ରିପାଠୀ ନିଜେ ଆଲ୍‌କୋହଲଯୁକ୍ତ ସାନିଟାଇଜର ପ୍ରସ୍ତୁତ କରି ବାଣ୍ଟୁଛନ୍ତି। ଏଥିରେ ତାଙ୍କ ସହକର୍ମୀ ଅଜିତ ଦ୍ୱିବେଦୀ ସାହାଯ୍ୟ କରୁଛନ୍ତି। ଅଧ୍ୟକ୍ଷ ଡ. କିଶୋର କୁମାର ଦାଶଙ୍କ ପରାମର୍ଶକ୍ରମେ ଓ ବଲାଙ୍ଗୀରର ଡା. ବିଶ୍ୱଜିତ ଯୋଶୀଙ୍କ ମାର୍ଗଦର୍ଶନରେ ସେ ସାନିଟାଇଜର ପ୍ରସ୍ତୁତ କରିବା ଆରମ୍ଭ କଲେ। ପ୍ରତାପ ବର୍ତ୍ତମାନ ସୁଦ୍ଧା ୧୦୦ଲିଟରରୁ ଊର୍ଦ୍ଧ୍ୱ ସାନିଟାଇଜର ସାଧାରଣ ଲୋକଙ୍କ ସହ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ବଣ୍ଟନ କରିଛନ୍ତି ।

**–ଶିବାନୀ ମହାନ୍ତି**

**ରିପୋର୍ଟ –ହର୍ଷବର୍ଦ୍ଧନ ବେହେରା, ପ୍ରଶାନ୍ତ ସର, ଜୟନାରାୟଣ ମେଣ୍ଡୁଲି**



ସ୍ୱାମୀଙ୍କ ସହ ଶାନ୍ତି ସରାଫ





## ନିଃଶବ୍ଦ

ଶବ୍ଦମାନେ କୋଳାହଳ କରନ୍ତି
ଜିଦ ଧରନ୍ତି
ହେବା ପାଇଁ କବିତାଟିଏ,
କିନ୍ତୁ ସବୁ ଶବ୍ଦକୁ କ'ଣ
ଦିଆଯାଇପାରେ କବିତାରେ ସ୍ଥାନ !
କିଛି ଶବ୍ଦ ମୃତ୍ୟୁବରଣ କରନ୍ତି
ମନକୁ ମନ...

କିଛି ମୃତବତ୍ ପଡ଼ି
ଅପେକ୍ଷା କରନ୍ତି ଜୀବନ୍ୟାସ ପାଇଁ,
ଅବ୍ୟକ୍ତ କଥା ପରି ଆଉ କିଛି ଶବ୍ଦ
ଲୁହ ହୋଇ ବହି ତକିଆ ଭିଜାନ୍ତି ।

**-ପ୍ରିୟଦର୍ଶିନୀ ମହାନ୍ତି**, ଖୋର୍ଦ୍ଧା

## ପ୍ରୀତି

ପ୍ରତି ପ୍ରଭାତରେ ତୁମେ ଆସ ପ୍ରିୟ
ପ୍ରୀତିର କବିତା ଧରି
କବିତା ତ ନୁହେଁ ପ୍ରୀତିର ପୀୟୂଷ
ତନୁ ମନେ ଦିଅ ଭରି ।

**-ଭରତ ଚନ୍ଦ୍ର ଦାଶ**
-ମାର୍କୋଣା, ବାଲେଶ୍ୱର

## ମୁକ୍ତବନ୍ଦୀ

(୧)
ନିର୍ଦ୍ଦୟ ସମୟ
ନିୟତିର ଖେଳ
ଶାରୀରିକ ଦୂରତା
ନିର୍ମମ ଏ କାରାବାସ
କାହିଁ ସତେ ପ୍ରେମର ଉଚ୍ଛ୍ୱାସ !
ତାଲାବନ୍ଦ
ଏଠି, ସେଠି, ସବୁଠି
ବିଧ୍ୱସ୍ତ ଭୂଗୋଳ
(୨)
ଏ ଯେ ଏକାନ୍ତବାସ
ଦୂରେ ଦୂରେ ଉଡିଯାଏ
ପ୍ରେମର ମଧୁର ସୁବାସ
କାହିଁ ମାନସିକ ମେଳ
ଭୁଶୁଡ଼ି ପଡେ ଆଜି ଗଢିଥିବା
ସ୍ୱପ୍ନର ବାଲିଘର...
ସବୁଠି ବନ୍ଦର ବିପର୍ଯ୍ୟୟ ସ୍ୱର
ବୈଠି ସଭା ଭିତରେ
ସାକ୍ଷୀ ମାତ୍ର ଏକଲା ଈଶ୍ୱର !!!
ଏକଲା ଈଶ୍ୱର !!!

**-ଡ. କିଶୋର ମହାନ୍ତି**

## ଦୁଇଟି ମହାମାରୀ ଗପ

- ଶ୍ରୀଗୋବିନ୍ଦ

### ବଦାନ୍ୟତା

ରାସ୍ତାକଡ଼ରେ ବସିଥିବା ବୁଢ଼ୀ ଭିକାରୁଣୀକୁ କିଛିଦିନ ହେଲା ଆଉ ପଇସାକଉଡ଼ି ମିଳୁ ନ ଥିଲା । ଯିଏ ଆସିଲା ଖାଲି ରନ୍ଧା ଖାଦ୍ୟ ଦେଇ ଫଟୋ ଉଠାଇଲା । ବୁଢ଼ୀ ଜୀବନରେ କେବେ ବି ସୁଦ୍ଧା ଫଟୋ ଉଠାଇ ନ ଥିଲା । ତାକୁ ଏହିକଥା କେମିତି କେମିତି ଲାଗୁଥିଲା । ସେ ଦେଖୁଥିଲା କିଛିଦିନ ହେଲା ରାସ୍ତାଘାଟ ଶୂନ୍ୟ, କେହି କୁଆଡ଼କୁ ଯାଉନାହାନ୍ତି କି ଆସୁନାହାନ୍ତି । ମନ୍ଦିରରେ ପହଡ଼ ପଡ଼ି ରହିଛି । ଆଗରୁ ଯେଉଁମାନେ ଟଙ୍କେ ଆଠଣା ଭିକ୍ଷା ଦେଉଥିଲେ କାହିଁ ଏମିତି ଫଟୋ ଉଠାଉ ନ ଥିଲେ ତ ? ଏବେ ଖାଇବାକୁ ଗଣ୍ଡେ ଦେଇ ଏତେ ଫଟୋ ଉଠାଉଛନ୍ତି କାହିଁକି ? ଏହା ବୁଢ଼ୀ ବୁଝିବାର ସାମର୍ଥ୍ୟ ବାହାରେ ଥିଲା । ଦିନସାରା ଯାହା ଖାଇବା ମିଳିଥିଲା, ନିଜ ପାଇଁ ରାତିକୁ ରଖିଦେଇ ତା' ପାଖରେ ଘେରିଥିବା କୁକୁର, ବୁଲାଷଣ୍ଢକୁ ବୁଢ଼ୀ ଖାଇବା ଦେଇଦେବା ଦେଖି ଜଣେ ଖାଦ୍ୟ ବାଣ୍ଟୁଥିବା ଧୋବଧୋବଳିଆ ବାବୁ କହିଲେ, ତମେ ଏମିତି କାହିଁକି ଏ ଖାଦ୍ୟଗୁଡ଼ାକ ବାଣ୍ଟିଦେଉଛ ? ଏ ମହାମାରୀ ସମୟରେ ନିଜ ପାଇଁ ରଖୁନ କାହିଁକି ? ବୁଢ଼ୀ କହିଲା- ବାବୁ, ଏମାନେ ହେଲେ ମୋର ପୁଅଝିଅ ଭଳି । ମୁଁ ଭିକମାଗି ଯାହା କିଛି ଦିନସାରା ସଞ୍ଚୟ କରେ ଏହିମାନଙ୍କ ମୁହଁରେ ହିଁ ଦିଏ । ମୋର ତ ଦୁନିଆରେ କେହି ନାହାନ୍ତି । ଏଇମାନଙ୍କୁ ଆଜିକୁ ଦଶବର୍ଷ ହେଲା ତ ଏମିତି ଖାଇବାକୁ ଦେଉଛି । ବାବୁ! ତମେମାନେ ସିନା ଆଜି ଗଣ୍ଡେ ଖାଇବାକୁ ଦେଇଯାଉଛ ବୋଲି ମୋ ପେଟ ପୂରିଯାଉଛି, ହେଲେ ଏମାନଙ୍କୁ କିଏ ବା କାହିଁକି ଦେବ । ମୋ ପିଲାଛୁଆ ଓପାସ ରହିଲେ ମୋ ପେଟକୁ କେମିତି ଶାନ୍ତିରେ ଦାନା ଯିବ । ରିଲିଫ୍ ବାଣ୍ଟୁଥିବା ବାବୁ ଜଣକ ବୁଢ଼ୀର ବଦାନ୍ୟତା ଦେଖି, ଭାବିଲେ ଫଟୋ ଉଠାଇ ରିଲିଫ ବାଣ୍ଟିବାର ସାର୍ଥକତା ସତରେ ବୁଢ଼ୀଠାରୁ କ'ଣ ଅଧିକ ?

### ଭୋକ

ହାତରେ କାମ ନ ଥିଲା କି ଖାଇବାକୁ ଘରେ ଗଣ୍ଡେ ଦାନା ନ ଥିଲା । ରାସ୍ତାକଡ଼ରେ ରହୁଥିବାରୁ ଓ ସେମାନେ ସ୍ଥାୟୀ ବାସିନ୍ଦାରେ ବି ଗଣା ହେଉ ନ ଥିବା କାରଣରୁ ବି ସେମାନଙ୍କର ରାଶନ କାର୍ଡ କି ଚାଉଳ ମିଳିବାର ସେମିତି କିଛି ଆଶା ନ ଥିଲା । ମିଳିଲେ ଦିନରେ ଓଳିଏ ଅଧେ, ନ ମିଳିଲେ ଖାଡ଼ା ଉପାସ ରହିବାକୁ ପଡୁଥିଲା । ଭୋକ ବିକଳରେ ଯେତେବେଳେ ଛୋଟ ପିଲାମାନେ ଧୂଳିରେ ଗଡ଼ି ଯାଉଥିଲେ, ମାଆ ବୋଧଦେଇ କହୁଥିଲା-କାଲିକୁ ଦୋକାନ ବଜାର ଖୋଲିବ, କାମ ମିଳିବ, ଜମା ବ୍ୟସ୍ତ ହଅନା, ପେଟପୂରା ଖାଇବୁ। ପିଲାଟି କ'ଣ ବୁଝୁଥିଲା କେଜାଣି ଖାଲି ମାଆ ମୁହଁକୁ ଅନାଇ ରହୁଥିଲା । ଦିନ ପରେ ଦିନ ଗଡ଼ି ଚାଲିଲା, ହେଲେ ଦୋକାନ ବଜାର ଖୋଲିଲାନି କି ଖାଇବାକୁ ମିଳିଲାନି । ହଠାତ୍ ଦିନେ ଛୁଆଟି ମାଆକୋଳରେ ରାତି ପାହିଲା ବେଳକୁ ଆଖି ବୁଜିଦେଇଥିଲା । ମାଆଟି ପାଖ ପଡ଼ିଆରେ ଛୁଆଟିର ଶବକୁ ଫୋପାଡ଼ି ଦେଇ କିଛି ଦୂରରେ ଛିଡ଼ା ହୋଇ ଦେଖୁଥିଲା। ପିଲାଟିର ଶବକୁ କୁକୁର ଟାଣି ଖାଉଥିବାର ଦୃଶ୍ୟ କିଛି ଲୋକ କ୍ୟାମେରାରେ କଏଦ କରୁଥିଲେ । କେହି କେହି କହୁଥିଲେ ମିଡିଆବାଲାଙ୍କୁ ବି ଖାଦ୍ୟ ମିଳିଗଲା । ଆଉ କେହି ବି କହୁଥିଲେ ଭୋକ ସମସ୍ତଙ୍କର ଅଛି, ହେଲେ ପ୍ରକାରଭେଦ ଅଲଗା । ଅସ୍ପଷ୍ଟ ଭାବରେ ଭିଡ଼ଭିତରୁ ଶୁଣାଯାଉଥିଲା, ଭୋକକୁ ସାଧାରଣଲୋକ ସିନା ଜାବୋଡ଼ି ଧରିଥାନ୍ତି, ହେଲେ ମହାମାରୀ ସମୟରେ ଭୋକକୁ ନେଇ ବି ବେପାର କଳାବଜାର କରାଯାଇପାରିବ ।

*-ସାନମଛୁଆଘାଇ, ରାଜଘରପୋଖରୀ, ଭଦ୍ରକ*






ଭିକି

# ସ୍ପେଶାଲ ବାର୍ଥ ଡେ’

‘ଉରି’ ଫେମ୍ ଭିକି କୌଶଲ ନିକଟରେ ତାଙ୍କର ୩୨ତମ ଜନ୍ମଦିନ ପାଳନ କରିଛନ୍ତି। ଯେହେତୁ ଏବେ କରୋନା ପାଇଁ ଲକ୍‌ଡାଉନ୍ ଚାଲିଛି ତେଣୁ ଘରେ ରହି ହିଁ ସେ ଏହାକୁ ସେଲିବ୍ରେଟ୍ କରିଛନ୍ତି। ପୂର୍ବରୁ ସେ ଏହି ଅବସରରେ ନିଜ ସାଙ୍ଗ ଏବଂ କେତେକ ପ୍ରଶଂସକଙ୍କ ଗହଣରେ ବାର୍ଥ ଡେ’ ପାଳନ କରିଥାଆନ୍ତି। ହେଲେ ଏଥର ନିଜ ଜନ୍ମ ଦିନ ସବୁଠାରୁ ମେମୋରେବୁଲ ବୋଲି ସେ କହିଛନ୍ତି। ଘରେ ରହି ସେ କିପରି ହୋମ୍ ମେଡ୍ କେକ୍ କାଟିଥିଲେ, ସେହି ଫଟୋକୁ ସେ ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି, ଯାହା ବେଶ୍ ଭାଇରାଲ ହୋଇଛି। ଏ ସମ୍ପର୍କରେ ଭିକି କହନ୍ତି, ‘ଏଥର ମୋ ବାର୍ଥ ଡେ’ରେ କୌଣସି ସାଙ୍ଗ କିମ୍ବା ପ୍ରଶଂସକ ନ ଥିଲେ, ତଥାପି ଏହି କ୍ୱାରାଣ୍ଟାଇନ୍ ବାର୍ଥ ଡେ’ ମୋ ପାଇଁ ସ୍ପେଶାଲ। ଏହାକୁ ମୁଁ ମୋର ପ୍ରଶଂସକଙ୍କ ପାଇଁ ଉତ୍ସର୍ଗ କରୁଛି।’

# ଭଏସ ପାଇଁ...

ବଲିଉଡ୍‌ର ସୁପରହିଟ୍ ସିନେମାଗୁଡିକ ମଧ୍ୟରେ ‘ସୋଲେ’ ଅନ୍ୟତମ। ଅମିତାଭ ବଚ୍ଚନ, ଧର୍ମେନ୍ଦ୍ର, ସଞ୍ଜୀବ କୁମାର, ହେମାମାଳିନୀ, ଅମଜାଦ ଖାଁଙ୍କ ଅଭିନୟ ଏହି ସିନେମାରେ କେତେ ଉଚ୍ଚକୋଟୀର ହୋଇଛି ତାହା କହିବା ବାହୁଲ୍ୟ। ବିଶେଷଭାବରେ ଏଥିରେ ଗବ୍ବର ସିଂ ଭୂମିକା ଦର୍ଶକଙ୍କୁ ଅଧିକ ପ୍ରଭାବିତ କରିଥିଲା କହିଲେ ଆଦୌ ଭୁଲ୍ ହେବ ନାହିଁ। ଏହି ଭୂମିକାରେ ଅଭିନୟ କରିଥିବା ଅମଜାଦଙ୍କ ‘କିତ୍‌ନେ ଆଦ୍‌ମୀ ଥେ..’ ଡାଏଲଗ ଏବେ ବି ଅନେକଙ୍କ ମନରେ ସତେଜ ହୋଇ ରହିଛି। ତେବେ ଏହାର ଅଡିସନ୍ ବେଳେ ଭଏସ ପାଇଁ ପ୍ରଥମେ ଅମଜାଦ ଖାଁଙ୍କୁ ଚୟନ କରାଯାଇ ନ ଥିଲା। ତା’ପରେ ଡ୍ୟାନିଙ୍କୁ ଯୋଗାଯୋଗ କରାଯାଇଥିଲା, ହେଲେ ସେ ମନା କରିଦେଇଥିଲେ। ଶେଷରେ ପୁଣି ଥରେ ଅମଜାଦଙ୍କୁ ନିଆଯାଇଥିଲା ଏବଂ ତା’ପରେ କ’ଣ ଘଟିଲା ତାହା ସିନେମାଟି ଦେଖିଲା ପରେ ସ୍ପଷ୍ଟ ଜଣାପଡିଯାଏ।

# ଡବଲ ଅବତାର

ଜ୍ୟୋତି ନାୟକଙ୍କ ଖୁସି କହିଲେ ନ ସରେ। କାରଣ ବଡ ପରଦାରେ ସେ ପ୍ରଥମ ଥର ପାଇଁ ଡବଲ ରୋଲ୍‌ରେ ଦେଖାଦେବେ। ଯେଉଁ ସିନେମାରେ ଏପରି ଅବତାରରେ ଆବିର୍ଭାବ ହେବେ ତାହାର ଟାଇଟଲ ରହିଛି ‘ହୀରୋ ନଂ. ଜିରୋ’। ଖୁସି କ୍ରିଏସନ୍ସ ବ୍ୟାନରରେ ଏହାର ଶୁଟିଂ ଆଉ ଅଳ୍ପ ବାକି ରହିଛି ଏବଂ ଲକ୍‌ଡାଉନ୍ ପାଇଁ ବର୍ତ୍ତମାନ ଶୁଟିଂ ବନ୍ଦ ରହିଛି। ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ‘ପ୍ରେମ ପାଇଁ ମହାଭାରତ’ର ନିର୍ଦ୍ଦେଶକ ନିରଞ୍ଜନ ବେହେରା। ଅନ୍ୟପକ୍ଷରେ ନବାଗତା ଖୁସି ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ନବାଗତ ସ୍ମୃତିରଞ୍ଜନ ବିଶ୍ୱାଳ। ଉକ୍ତ ସିନେମା ସମ୍ପର୍କରେ ନିରଞ୍ଜନ କହନ୍ତି, ‘‘ଏହାର କାହାଣୀ ସମ୍ପୂର୍ଣ୍ଣ ମୌଳିକ ଏବଂ କୌଣସି ଫିଲ୍ମରୁ କପି କରାଯାଇ ନାହିଁ। ଏଥିରେ ଲଭ୍, ଇମୋଶନ, ଆକ୍ସନ ରହିଛି। କାରଣ ମୋ ନିର୍ଦ୍ଦେଶିତ ପ୍ରଥମ ଫିଲ୍ମ ‘ପ୍ରେମ ପାଇଁ ମହାଭାରତ’ର ସଫଳତା ପରେ ଏହି ଫିଲ୍ମଟି କିପରି ସବୁ ଦୃଷ୍ଟିରୁ ସରସ ସୁନ୍ଦର ହେବ ସେ ନେଇ ନିଶ୍ଚୟ ଚେଷ୍ଟା କରିବି।’’ ଚିତ୍ରରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଜ୍ୟୋତି–ଖୁସି ଯୋଡ଼ି ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ବବି ମିଶ୍ର, ଶ୍ରୀତମ୍ ଦାସ, ବିଜୁ ବଡ଼ଜେନା, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ତେବେ ଡବଲ ରୋଲ୍‌ରେ ଜ୍ୟୋତି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଜ୍ୟୋତି–ଖୁସି

# ବଢେଇଥିଲେ ୨୦କେଜି

ଦକ୍ଷିଣ ଭାରତୀୟ ସିନେମାରେ ଅନୁଷ୍କା ସେଟ୍ଟି ଜଣେ ପରିଚିତା ଅଭିନେତ୍ରୀ। ଗୋଟିଏ ସିନେମା ପାଇଁ ସେ କେତେ ପାରିଶ୍ରମିକ ନିଅନ୍ତି ଜାଣନ୍ତି ? ୩–୪ କୋଟି। ଗୁଣଶେଖରଙ୍କ ନିର୍ଦ୍ଦେଶିତ ‘ରୁଦ୍ରାଦେବୀ’ ପାଇଁ ସେ ପାଞ୍ଚ କୋଟି ରେମ୍ୟୁନିନେଶନ ନେଇଥିଲେ। ଏବେ ତ ଲକ୍‌ଡାଉନ ପାଇଁ ସେ ଘରେ ହିଁ ରହୁଛନ୍ତି। ଏହି ସମୟରେ ଶୁଟିଂ ଜୀବନର କେତେକ ସ୍ମରଣୀୟ ଘଟଣାକୁ ସେ ଦର୍ଶକଙ୍କ ସାମ୍‌ନାକୁ ଆଣିବାକୁ ପଛାଇ ନାହାନ୍ତି। ତେଲୁଗୁ ଫିଲ୍ମ ‘ସାଇଜ ଜିରୋ’ ସମୟରେ ତାଙ୍କୁ ନିଜ ଓଜନ ୨୦ କିଗ୍ରା ବଢ଼ାଇବାକୁ କୁହାଯାଇଥିଲା। ଏପରି କି ଯଦି ସୀମିତ ସମୟ ଭିତରେ ଏହା ସମ୍ଭବ ନ ହୁଏ ତେବେ ଫ୍ୟାଟ୍ ବଡିସୁଟ୍ ପିନ୍ଧିବାକୁ ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ହେଲେ ଏପରି ସୁଟ୍ ପିନ୍ଧିବାକୁ ସେ ସିଧାସଳଖ ମନା କରିଦେଇଥିଲେ। କିଛି ସପ୍ତାହ ସେ ଦିନ ରାତି ଏକାଠି କରି ନିଜ ଓଜନ ୨୦ କିଗ୍ରା ବଢ଼ାଇବାରେ ସକ୍ଷମ ହୋଇଥିଲେ।


ଅନୁଷ୍କା

# ଅବସର ମିଳିଲେ...

ଅବସର ମିଳିଲେ ଆଲିୟା କ’ଣ କରନ୍ତି ? ଘରେ ରହିଲେ କିଛି ନା କିଛି ତ ନିଶ୍ଚୟ କରୁଥିବେ। ହେଲେ ଶୁଟିଂରୁ ଫ୍ରି ମିଳିଲେ ସେ କ’ଣ କରନ୍ତି ଜାଣନ୍ତି ? ପେଣ୍ଟିଂ। ପିଲାଟି ଦିନରୁ ଏଥିପ୍ରତି ତାଙ୍କର ଆଗ୍ରହ ଥିଲା। କୌଣସି ଜିନିଷ ଦେଖିବା ପରେ ସେ ତାହାକୁ ଚିତ୍ରର ରୂପ ଦେବାକୁ ଆଗେଇ ଆସନ୍ତି। ତେଣୁ ଘରେ ସମୟ ମିଳିଲେ ସେ ତୂଳୀ ଧରି ଚିତ୍ର ଆଙ୍କିବାକୁ ବସିପଡ଼ନ୍ତି। ମହେଶ ତନୟା ଆଲିୟା ଭଟ୍ଟଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା କରନ ଜୋହରଙ୍କ ‘ଷ୍ଟୁଡେଣ୍ଟ ଅଫ ଦ ଇୟର’ରୁ। ଏହାର ଫିମେଲ ଲିଡ୍ ପାଇଁ ହୋଇଥିବା ଅଡିସନରେ ୪୦୦ ଯୁବତୀ ଅଂଶଗ୍ରହଣ କରିଥିଲେ। ହେଲେ ସମସ୍ତଙ୍କୁ ପଛରେ ପକାଇ ଆଲିୟା ବାଜି ମାରି ନେଇଥିଲେ। ଏହି ଫିଲ୍ମରେ ଆଲିୟାଙ୍କ ବ୍ୟତୀତ ସିଦ୍ଧାର୍ଥ ମାଲହୋତ୍ରା, ବରୁଣ ଧାୱନ ମଧ୍ୟ ଅଭିନୟ କରିଥିଲେ।


ଆଲିୟା



ରାନୀ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ରୋଷେଇ

ସ୍ୱାମୀ ସ୍ତ୍ରୀକୁ- ଜାନୁ, ଆଜିର ରୋଷେଇ କ'ଣ ତୁମ ମା' କରିଛନ୍ତି?
ସ୍ତ୍ରୀ- ହଁ, ହେଲେ ତମେ କେମିତି ଜାଣିଲ ?
ସ୍ୱାମୀ- ସବୁଦିନ ଖାଇବାରୁ କଳା ଚୁଟି ବାହାରୁଥିଲା। ହେଲେ ଆଜି ଧଳା ଚୁଟି ବାହାରିଲା। ସେଇଥିରୁ ଅନୁମାନ କଲି।

## ଦୁଃଖ

ମଦୁଆ ମଦ ପିଇବା ପରେ ନିଜ ସ୍ତ୍ରୀକୁ- ତୁମେ କିଏ ?
ସ୍ତ୍ରୀ- ପାଗଳ ହେଇଗଲ ନା କ'ଣ ? ନିଜ ସ୍ତ୍ରୀକୁ ଚିହ୍ନି ପାରୁନ।
ମଦୁଆ- ନିଶା ତ ସବୁ ଦୁଃଖ ଭୁଲେଇ ଦିଏ।

## ଫୋନ୍

ରୁଷି କି ବାପଘରକୁ ଚାଲି ଯାଇଥିବା ସ୍ତ୍ରୀକୁ ସବୁଦିନ ସ୍ୱାମୀ ଫୋନ୍ କରନ୍ତି। ଆଉ ତାଙ୍କ ଶାଶୁ କହନ୍ତି- ତୁମକୁ କେତେଥର କହିବି ସେ ଆଉ ଫେରିବନି ବୋଲି। କାହିଁକି ଏତେଥର ଫୋନ୍ କରୁଛ ?
ସ୍ୱାମୀ- ଏଇ କଥା ଶୁଣିଲେ ମନ ଖୁସି ହୋଇଯାଏ। ସେଇଥିପାଇଁ..

# ପ୍ରଭୁ ବି ଆସିବେ ପାଖକୁ...

ଜଣେ ସାଧନା କରିବ, ଆଉ ଜଣେ ଫଳ ପାଇବ! ଜଣେ ଭକ୍ତି କରିବ, ଅଥଚ ମୁକ୍ତି ମିଳିବ ଆଉ କାହାକୁ!! ଜଣେ ତପସ୍ୟା କରିବ, ଆଉ ଜଣେ ମୋକ୍ଷ ପାଇବ !!! ଏହା କ'ଣ ସମ୍ଭବ? ହଁ, ନିଶ୍ଚେ ସମ୍ଭବ। ପ୍ରଭୁଙ୍କ ପାଇଁ କିଛି ଅସମ୍ଭବ ନୁହେଁ।

ସନ୍ଥ ତୁଳସୀ ସିଦ୍ଧବନରୁ ମିଥିଳା ଯିବା ରାସ୍ତାରେ ଆଉ ଏକ ଚରିତ୍ରକୁ ଆଣି ଥୋଇଛନ୍ତି। ତାହା ହେଲା ଅହଲ୍ୟା ଉଦ୍ଧାର ପ୍ରସଙ୍ଗ। ସେ ଚାହିଁଥିଲେ ଏ ପ୍ରସଙ୍ଗକୁ ଅନ୍ୟ କୋଉଠି ବି ରଖିପାରି ଥାନ୍ତେ। ହେଲେ ମିଥିଳା ନଗରକୁ ଯିବା ରାସ୍ତାରେ କାହିଁକି? ପୁଣି ଏହା ବି କୁହାଯାଇଛି, ହେ ରାମ, ତୁମକୁ ଅହଲ୍ୟାକୁ ସ୍ପର୍ଶ କରିବାକୁ ପଡିବ। ନଚେତ ଆଗକୁ ବଢ଼ିବା ମନା। ଏହାର ଅର୍ଥ ଏୟା ଯେ, ଅହଲ୍ୟା ଉଦ୍ଧାର ହେଲେ ହିଁ ତୁମର ସୀତାଙ୍କ ସହ ମିଳନ ହେବ। ତା' ପୂର୍ବରୁ ନୁହେଁ।

ଏଣିକି ଅସଲ ପ୍ରସଙ୍ଗକୁ ଯିବା। 'ରାମଚରିତ ମାନସ' ଅନୁସାରେ ଭକ୍ତିର ୯ ପ୍ରକାର ସାଧନ ଅଛି। ପ୍ରଥମ ସୋପାନ ହେଉଛି ସତ୍‌ସଙ୍ଗ। ସେଥିପାଇଁ ଗୋସ୍ୱାମୀ କହିଲେ-

ପ୍ରଥମ ଭଗତି ସଂତନ୍ହ କର ସଂଗା।

ବାଟରେ ଯାଉଥିବା ବେଳେ ବିଶ୍ୱାମିତ୍ର କହିଲେ ପ୍ରଭୁ! ଅହଲ୍ୟାକୁ ଟିକେ ଶୁଦ୍ଧ କରିଦିଅନ୍ତୁ। ଅହଲ୍ୟାଙ୍କ ସାମର୍ଥ୍ୟ ନ ଥିଲା ପ୍ରଭୁଙ୍କ ପାଖକୁ ଆସିବା ପାଇଁ। ସେ ତ ଜଡ଼ ଥିଲେ। ତେଣୁ ପ୍ରଭୁ ବାଧ ହୋଇ ତାଙ୍କ ପାଖକୁ ଗଲେ। ଆମ ସମାଜରେ ବି ଠିକ୍ ସେୟା ଘଟେ। ଛୋଟ ମୋଟ ରୋଗ ହେଲେ ଆମେ ଡାକ୍ତରଙ୍କ ପାଖକୁ ଯାଉ। କିନ୍ତୁ ବଡ ରୋଗ ହେଲେ ଡାକ୍ତର ଆମ ପାଖକୁ ଆସନ୍ତି। ଅହଲ୍ୟାଙ୍କ ବଡ଼ ରୋଗ ଥିଲା- ଇନ୍ଦ୍ରିୟ ସୁଖ। ସେଥିପାଇଁ ତାଙ୍କ ଜୀବନରେ ଇନ୍ଦ୍ରଙ୍କ ଚରିତ୍ରକୁ ଆଣି ରଖାଯାଇଛି। ଘ୍ରାଣଗତ୍ ଅହଲ୍ୟାଙ୍କୁ



**ଚିନ୍ମୟ ଚିନ୍ତନ**



ଶ୍ରୀ ସନ୍ନ୍ୟାସୀ

ଦେଖି ପ୍ରଭୁ ଭାବିଲେ ନବଧା ଭକ୍ତିରୁ ଯଦି ଦୁଇ ତିନିଟା ଭକ୍ତି ସାଧନ ଅହଲ୍ୟା ପାଖରେ ମିଳିଯାଏ ତେବେ ବି କାମ ହୋଇଯିବ। ହେଲେ ସେ ତ କିଛି ବି ନିଜେ କେବେ କରିପାରିବା ଅବସ୍ଥାରେ ନାହିଁ। ତେଣୁ ତା' ପାଇଁ ମୋତେ ଏବେ ପ୍ରଥମ ତିନୋଟି ଭକ୍ତି ସାଧନ କରିବାକୁ ପଡ଼ିବ। ଦେଖିବା-

ପ୍ରଥମ ଭକ୍ତି ହେଉଛି ସନ୍ଥଙ୍କ ସଙ୍ଗ ବା ସତ୍‌ସଙ୍ଗ। ସେଥିପାଇଁ ପ୍ରଭୁ ବିଶ୍ୱାମିତ୍ରଙ୍କୁ ସାଙ୍ଗରେ ନେଇଥିଲେ। ତାଙ୍କ ପରି ସନ୍ଥ ଆଉ କିଏ ଦୁନିଆରେ ଅଛି। ତେଣୁ ପ୍ରଥମ କାର୍ଯ୍ୟଟି ଶେଷ ହେଲା।

ଦ୍ୱିତୀୟ ଭକ୍ତି- ଦୁସରି ରତି ମମ କଥା ପ୍ରସଂଗା। ଭକ୍ତିର ଦ୍ୱିତୀୟ ଲକ୍ଷଣ ହେଉଛି ପ୍ରଭୁଙ୍କ କଥାରେ ଆସକ୍ତି ରଖିବା। ଯିଏ ବାସ୍ତବିକ ଭକ୍ତ, ତା'ର ସଂସାରର କୌଣସି କଥା ଶୁଣିବାକୁ ଆଗ୍ରହ ନ ଥାଏ। ଘର ପରିବାର କଥା, ସମାଜ କଥା, ରାଜନୀତି କଥା, କି କାହାର କଳିଝଗଡା କଥା ଏ ସବୁକୁ ଶୁଣିବା ପାଇଁ ଗୋଟିଏ ଭକ୍ତର ଆଦୌ ଇଚ୍ଛା ନଥାଏ। ତା ମନ ସଦାସର୍ବଦା ଖୋଜି ବୁଲୁଥାଏ କେଉଁଠି ପ୍ରବଚନ ହେଉଥିବ କି ଗୀତା ଭାଗବତ ଆଲୋଚନା ହେଉଥିବ, ସେଠାକୁ ଯାଇ ଶୁଣିବ। ତା' ପାଖରେ ଖବର ଥାଏ ସହରର କେଉଁ କେଉଁ ଜାଗାରେ କେଉଁ ସାଧୁ ଆସି ପ୍ରବଚନ ଦେଉଛନ୍ତି। ବୃତ୍ତିଗତ ଜୀବନ ପରେ ତା' ମନ ଖାଲି ଉହଳ ବିକଳ ହେଉଥାଏ ସେଇ ସ୍ଥାନମାନଙ୍କରେ ପହଞ୍ଚି ହରିକଥା ଶ୍ରବଣ କରିବାକୁ। ସନ୍ନ୍ୟାସୀର ମନେପଡୁଛି ଗୋଟିଏ ଛୋଟିଆ କଥା। ବଜାରରେ ଥିବା ୨/୩ଟି ସେଲୁନ ଭିତରେ ରବି ବାରିକଙ୍କ ବି ଗୋଟିଏ ସେଲୁନ୍ ଥାଏ। ଠାକୁରଙ୍କ ଦୀକ୍ଷିତ ସେ। ଇଆଡେ ହାତରେ କଇଁଚି ଚାଲିଥିବ, ତେଣେ ଠାକୁରଙ୍କ ବିଭିନ୍ନ ପ୍ରସଙ୍ଗ ଆଲୋଚନା ବି ହେଉଥିବ। ତେଣୁ ପିଲାବେଳେ ସନ୍ନ୍ୟାସୀ ତାଙ୍କରି ସେଲୁନ୍‌କୁ ହିଁ ଚୁଟି କାଟିବାକୁ ଯାଏ। ଭାବେ ଏକାଥରକେ ଦୁଇଟି କାମ ହେବ-ଚୁଟି କଟା ତଥା ଠାକୁରଙ୍କ ଦିବ୍ୟ କଥା ଶ୍ରବଣ। ହେଲେ ଏଠି ତ ଅହଲ୍ୟା ଜଡ଼। ତା'ର ପାଟି ଫିଟୁନି। ତେଣୁ ସେ କ'ଣ ହରିକଥା ଶୁଣିବ ନା କହିବ?

ପ୍ରଭୁ ଭାବିଲେ-ଠିକ୍ ଅଛି ତା' କାମଟା ମୁଁ ଏବେ କରିଦେବି। ମୋ କଥା ଶୁଣିଲେ ଯଦି ଜଣଙ୍କର ମୁକ୍ତି ହୋଇଯାଏ ତେବେ ମୁଁ ଯାହାକଥା ଶୁଣିବି, ତା'ର ନିଶ୍ଚେ ମୁକ୍ତି ହେବ। ତେଣୁ ଏହି ନ୍ୟାୟରେ ଅହଲ୍ୟାଙ୍କ ବିଷୟରେ ଜାଣିବା ପାଇଁ ଆଗ୍ରହର ସହ ବିଶ୍ୱାମିତ୍ରଙ୍କୁ ପଚାରିଲେ।

ପୁଛା ମୁନି ହି ସିଲା ପ୍ରଭୁ ଦେଖି,
ସକଲ କଥା ମୁନି କହା ବିସେଷି - (୧/୨୦୯/୧୨)

ବିଶ୍ୱାମିତ୍ର ଅହଲ୍ୟା କଥା ବିସ୍ତାରିତ ଭାବରେ କହିଲେ। ପ୍ରଭୁ ଶୁଣିଲେ। ଅହଲ୍ୟାଙ୍କ ପାଇଁ ନବଧା ଭକ୍ତିର ଏ ଦ୍ୱିତୀୟ ସୋପାନଟିକୁ ମଧ୍ୟ ପ୍ରଭୁ ନିଜେ କଲେ।

ନବଧା ଭକ୍ତିର ତୃତୀୟ ସୋପନ କ'ଣ? 'ରାମଚରିତ ମାନସ' ଅନୁସାରେ-

ଗୁରୁପଦ ପଙ୍କଜ ସେୱା ତିସରୀ ଭଗତୀ ଅମାନ।

ତୃତୀୟ ଭକ୍ତି ହେଉଛି ଗୁରୁଙ୍କ ପାଦ ପୂଜା। କିନ୍ତୁ ଅହଲ୍ୟା ଏତକ ବି କରିବାକୁ ଅକ୍ଷମ। ପ୍ରଭୁ ଭାବିଲେ ଠିକ୍ ଅଛି, ଏହାକୁ ବି ମୁଁ ଅହଲ୍ୟା ପାଇଁ କରିବି। ତେଣୁ ସେ ଗୁରୁ ବିଶ୍ୱାମିତ୍ରଙ୍କଠାରୁ ଆଜ୍ଞାପ୍ରାପ୍ତ ହେଲେ-

ଗୌତମ ନାରୀ ଶ୍ରାପ ବସ ଉପଲ ଦେହ ଧରି ଧୀର
ଚରଣ କମଲ ରଜ ଚାହତି, କୃପା କରହୁ ରଘୁବୀର (୧/୧୧୦)

ହେ ରଘୁବୀର! ଗୌତମଙ୍କ ପତ୍ନୀ ଅହଲ୍ୟା ପଥର ଦେହ ଧରି ତୁମ ଚରଣ ଧୂଳିକୁ ଅପେକ୍ଷା କରିଛି। ତାକୁ କୃପା କରନ୍ତୁ।

ଗୁରୁଙ୍କ କଥା ମାନିବା ହିଁ ତାଙ୍କ ପୂଜା। ହେଲେ ଏଠାରେ ପ୍ରଭୁ ରାମ ବିଶ୍ୱାମିତ୍ରଙ୍କୁ ଫୁଲ ପାଣି ଦେଇ ପୂଜା କରି ନାହାନ୍ତି। ଗୁରୁଙ୍କ ବାକ୍ୟ ମାନିଛନ୍ତି। ଗୁରୁ କହିଲେ କୃପାକରି ଚରଣ ରଜ ପ୍ରଦାନ କର। ପ୍ରଭୁ ଠିକ୍ ସେୟା ହିଁ କଲେ। ଏବେ ଜଡ଼ ଅହଲ୍ୟା ଚୈତନ୍ୟ ଲାଭ କଲେ। ପ୍ରଭୁ ଅହଲ୍ୟାଙ୍କ ପାଇଁ ଭକ୍ତିର ପ୍ରଥମ ତିନୋଟି ସୋପନ ନିଜେ କଲେ।

ଚତୁର୍ଥ ଭକ୍ତି ହେଉଛି- ଚୈଥି ଭଗତି ମମ ଗୁନ ଗନ କରଇ କପଟ ତଜି ଗାନ (୩/୩୫)

ଚତୁର୍ଥ ଭକ୍ତି ହେଉଛି ଈଶ୍ୱରଙ୍କ ସ୍ତୁତି ବା ଗୁଣଗାନ। ଭଗବାନ କହିଲେ ଅହଲ୍ୟା, ମୋ କାମ ସରିଲା। ଏଣିକି ଚତୁର୍ଥ ଭକ୍ତିର କାମ ତୁମର। ସଦ୍ୟ ଚୈତନ୍ୟ ପ୍ରାପ୍ତ ଅହଲ୍ୟା ଏବେ କରଯୋଡି ସ୍ତୁତି କରିବା ଆରମ୍ଭ କଲେ-

ଅତି ନିର୍ମଲ ବାନି, ଅସ୍ତୁତି ଠାନି, ଗ୍ୟାନ ଗମ୍ୟ ଜୟ ରଘୁରାଇ।

ଆମେ ଅହଲ୍ୟା ପରି ହେବା। ସାଧନାଠୁଁ କୁଆଡକୁ ବି ମନକୁ ହଲିବାକୁ ଦେବାନି। ପ୍ରଭୁ ଆମ ପାଖକୁ ଆସିବେ। ଆମ୍ଭେ ଯୋଗରେ ଅକ୍ଷମ ହେଲେ ବି ସେ ଆମ୍ଭକୁ ଯୋଗକ୍ଷେମ କରାଇବେ ନିଜ ଅହେତୁକ କୃପା ବଳରେ।

-ଦିବ୍ୟାଲୋକ ସନ୍ଧାନେ, ତେଲେଙ୍ଗାପେଣ୍ଠ, କଟକ

## ଲକ୍‌ଡାଉନ୍ ରିନୋଭେସନ୍‌ରେ ମିଳିଲା ନିର୍ବନ୍ଧ ମୁଦି





ଏବେ ସମଗ୍ର ବିଶ୍ୱରେ କରୋନାର ଆତଙ୍କ। ଚାରିଆଡ଼େ ଲକ୍‌ଡାଉନ୍। ସମସ୍ତଙ୍କ ମନ ଭିତରେ ଏକ ଅଜଣା ଆତଙ୍କ ଖେଳିବୁଲୁଛି। କାହାରି ମନରେ ସନ୍ତୋଷ ନାହିଁ କହିଲେ ଭୁଲ୍ ହେବନି। ହେଲେ ଏଭଳି ଆତଙ୍କିତ ମୁହୂର୍ତ୍ତରେ ବି ନ୍ୟୁୟର୍କର ଦୁଇଜଣ ଦମ୍ପତିଙ୍କ ମୁହଁରେ କିଛି କ୍ଷଣ ପାଇଁ ହସ ଫୁଟି ଉଠିଛି। ସେ ଦୁଇଜଣ ହେଉଛନ୍ତି ମାଇକ୍ ଏବଂ ଲିସା। ସେମାନଙ୍କର କାରଣ ହେଉଛି ସେମାନେ ଦୀର୍ଘଦିନ ପରେ ସେମାନଙ୍କର ନିର୍ବନ୍ଧ ମୁଦି ଫେରି ପାଇଛନ୍ତି। ତାହା ପୁଣି ସମ୍ଭବ ହୋଇଛି ଏହି ଲକ୍‌ଡାଉନ୍ ଯୋଗୁଁ। ଘଟଣାଟିର ବିସ୍ତାରିତ ରୂପ ଏହିପରି: ୨୦୧୭ ମସିହାରେ ଲିସା ଏବଂ ମାଇକ୍ ନିଜର ବିବାହ ବାର୍ଷିକୀ ମନେଇବା ପାଇଁ ସାଉଥ୍ ଫ୍ଲୋରିଡ଼ାର ଏକ ରେଷ୍ଟୁରାଣ୍ଟକୁ ଯାଇଥିଲେ। ସେଠାରେ ସେମାନେ କ୍ୟାଣ୍ଡେଲ ଲାଇଟ୍ ଡିନର କରୁଥିଲେ। ସେତିକିବେଳେ ମାଇକ୍‌ଙ୍କ ଅଙ୍ଗୁଳିରେ ଥିବା ନିର୍ବନ୍ଧ ମୁଦିଟି ତଳକୁ ଖସିପଡ଼ିଲା ଓ କାଠ ଫାଙ୍କ ଦେଇ ତଳକୁ ଚାଲିଯାଇଥିଲା। ଯେତେ ଖୋଜାଖୋଜି କରିଥିଲେ ମଧ ତାହା ମିଳି ନ ଥିଲା। ସେଇ ମୁଦିଟିକୁ ପତ୍ନୀ ଲିସା ତାଙ୍କୁ ଗିଫ୍ଟ କରିଥିବାରୁ ମାଇକଙ୍କ ମନ ଖରାପ ହୋଇଯାଇଥିଲା। ଏହା ଭିତରେ ତିନି ଚାରିବର୍ଷ ବିତିଗଲା। ଏବେ ଲକ୍‌ଡାଉନ୍ ଚାଲିବା ଅବସରରେ ରେଷ୍ଟୁରାଣ୍ଟର ମାଲିକ ତାଙ୍କର ରେଷ୍ଟୁରାଣ୍ଟର ମରାମତି କରିବାକୁ ଚାହିଁଲେ। ଆଉ ମରାମତି ବେଳେ ମିଳିଲା ମାଇକ୍-ଲିସାଙ୍କ ନିର୍ବନ୍ଧ ମୁଦି। ମାଇକ୍-ଲିସା ନିର୍ବନ୍ଧ ମୁଦିକୁ ପାଇ ଖୁସି ହୋଇଯାଇଥିଲେ। କାରଣ ଏହା ଯେ ଆଉ ସେମାନଙ୍କୁ ମିଳିବ ତାଙ୍କର ବିଶ୍ୱାସ ନ ଥିଲା।

ବ୍ୟାକ୍ ପେଜ୍



# ଟି' କପ୍ ଗାର୍ଡେନ୍

ଘରେ ଏକ ସୁନ୍ଦର ବଗିଚା ସମସ୍ତେ ଚାହାନ୍ତି। ଏହାଦ୍ୱାରା ଯେ, କେବଳ ଘରର ଶୋଭା ବଢ଼ିଥାଏ ତାହା ନୁହେଁ; ସୁସ୍ଥ, ସତେଜ ବାତାବରଣ ବି ମିଳିଥାଏ। ହେଲେ କିଛି ଲୋକଙ୍କ ଘରେ ଯଥେଷ୍ଟ ଜାଗା ନ ଥାଏ ସୁନ୍ଦର ବଗିଚାଟିଏ କରିବା ପାଇଁ। ତେଣୁ ସେମାନଙ୍କ ମନ ଦୁଃଖ ହୋଇଥାଏ। ତେବେ ମହେମିନା ଫୈଜ୍ ନାମ୍ନୀ ଜଣେ କ୍ରାଫ୍ଟାହୋଲିକ୍ ବଗିଚାର ସଂଜ୍ଞା ବଦଳାଇ ଦେଇଛନ୍ତି। ତାଙ୍କ ମତରେ କେବଳ ଯେ ବଡ଼ ଜାଗା ଥିଲେ ବଗିଚା ହୋଇପାରିବ ତାହା ନୁହେଁ, ଚାହିଁଲେ ଜଣେ ଛୋଟିଆ ସ୍ଥାନରେ ବି ସୁନ୍ଦର ବଗିଚା କରିପାରିବେ। ଏହାର ପ୍ରମାଣସ୍ୱରୂପ ସେ ଛୋଟିଆ ଟା' କପ୍‌ରେ ଆକର୍ଷକ ବଗିଚା ତିଆରି କରିଛନ୍ତି। ଆଉ ସେଗୁଡ଼ିକ ଏତେ ସୁନ୍ଦର ଯେ, ତା' ଉପରୁ ନଜର ହଟିବ ନାହିଁ। ଏଥିପାଇଁ ସେ କାକ୍‌ଟସ୍, ସକୁଲେଣ୍ଟ (ମୋଟା ପତ୍ର ଥିବା କାକଟସ୍ ଭଳି ପ୍ଲାଣ୍ଟ) ଓ କିଛି ୱାଲ୍ ପ୍ଲାଣ୍ଟ ବ୍ୟବହାର କରିଥାଆନ୍ତି, ଯଦ୍ୱାରା କି ଉକ୍ତ ବଗିଚା ପାଇଁ ବହୁତ କମ୍ ପାଣି ଓ ଯତ୍ନର ଆବଶ୍ୟକ ହୁଏ। ତାଙ୍କର ଏହି ଟି' କପ୍ ଗାର୍ଡେନ୍‌କୁ ସୋସିଆଲ୍ ମିଡିଆରେ ବହୁତ ପସନ୍ଦ କରାଯାଉଛି।

## କାର୍ଟୁନ କର୍ନର

